# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 11 March - 2026

********************************

## ମୁଖ୍ୟ ସମ୍ବାଦ

- ଜଳ ସଂରକ୍ଷଣ ପ୍ରତ୍ୟେକ ନାଗରିକଙ୍କ ପ୍ରଧାନ କର୍ତ୍ତବ୍ୟ; ନୂଆଦିଲ୍ଲୀରେ ଜଳ ମହୋତ୍ସବ-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ରାଷ୍ଟ୍ରପତି
- ବିଧାନସଭା ବଜେଟ୍ ଅଧିବେଶନରେ ମହିଳା ଓ ଶିଶୁ ବିକାଶ ବିଭାଗର ଖର୍ଚ୍ଚ ଦାବି ଉପରେ ଜାରି ରହିଛି ଆଲୋଚନା
- ରାଜ୍ୟର ୪ଟି ଜିଲ୍ଲାରେ ଚାଉଳ ଏଟିଏମ୍ ଖୋଲାଯିବା ନେଇ ଗୃହରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା

ଏବଂ

- ଏସ୍.ଆଇ.ଆର୍. କାର୍ଯ୍ୟକ୍ରମକୁ ସୂଚାରୁରୂପେ କରିବା ପାଇଁ ଭୁବେନଶ୍ୱରରେ ଚାଲିଛି ନିର୍ବାଚନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ

# ରାଷ୍ଟ୍ରପତି– ଜଳ ମହୋତ୍ସବ

ଜଳ ସଂରକ୍ଷଣ ପ୍ରତ୍ୟେକ ନାଗରିକଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଚାଲିଥିବା ଜଳ ମହୋତ୍ସବ-୨୦୨୬ ଜାତୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଜଳକୁ ଏକ ଅମୂଲ୍ୟ ସମ୍ପତ୍ତି ଭାବରେ ଉପଯୋଗ କରି ପରବର୍ତ୍ତୀ ପିଢ଼ି ପାଇଁ ସଂରକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଏକ ସ୍ଥାୟୀ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଜଳ ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ନୁହେଁ ବରଂ ଜୀବନର ଏକ ଅଂଶଭାବେ ବିଚାର କରିବା ପାଇଁ ରାଷ୍ଟ୍ରପତି କହିଛନ୍ତି ।

**- V/O -**

'ନଲ୍ ଜଲ୍ ମିତ୍ର' କାର୍ଯ୍ୟକ୍ରମ ଅଧୀନରେ ଗ୍ରାମୀଣ ଯୁବପିଢ଼ି ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ଜଳ ଯୋଗାଣ ବ୍ୟବସ୍ଥା ପରିଚାଳନା ଏବଂ ରକ୍ଷଣାବେକ୍ଷଣରେ ସକ୍ରିୟ ଅଂଶୀଦାର ହେବା ପାଇଁ ତାଲିମ ପ୍ରଦାନ କରାଯାଉଛି । ଏହି ପଦକ୍ଷେପ ଗ୍ରାମାଞ୍ଚଳରେ ଜଳ ସଂରକ୍ଷଣ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି । ସ୍ଥାୟୀ ଜଳସୁରକ୍ଷା ହାସଲ କରିବା ପାଇଁ ସମାଜର ପ୍ରତ୍ୟେକ ସ୍ତରରେ ବହୁମୁଖୀ ପ୍ରୟାସ ଆବଶ୍ୟକ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ଜଳ ମହୋତ୍ସବ-୨୦୨୬ ଗତ ରବିବାର ଦିନ ଜଳ ଅର୍ପଣ ସହିତ ଆରମ୍ଭ ହୋଇଛି । ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

Assembly

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନ ଅପରାହ୍ନ ଅଧିବେଶନରେ ମହିଳା ଓ ଶିଶୁ ବିକାଶ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ଜାରି ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା' ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ୧୬ ହଜାର ୧୫୨ କୋଟି ୫୧ ଲକ୍ଷ ୫୫ ହଜାର ଟଙ୍କା ଏବଂ ମିଶନ ଶକ୍ତି ବିଭାଗ ପାଇଁ ୨ ହଜାର ୮୦୪ କୋଟି ୨୩ ଲକ୍ଷ ଟଙ୍କାର ବିଭାଗୀୟ ଖର୍ଚ୍ଚ ଦାବି ଆଗତ କରିଛନ୍ତି।

Desk

# ବିଧାନସଭା– ଏଟିଏମ୍ ଚାଉଳ

ରାଜ୍ୟର ଆଉ ୪ଟି ଜିଲ୍ଲାରେ ନୂତନ ଚାଉଳ ଏଟିଏମ୍ ଖୋଲାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗୃହରେ ଉତ୍ତର ରଖିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ପ୍ରଥମ ଚାଉଳ ଏଟିଏମ୍ ଖୋର୍ଦ୍ଧା ଜିଲ୍ଲାର ମଞ୍ଚେଶ୍ୱରଠାରେ ଖୋଲାଯାଇଛି। ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଏହି ଏଟିଏମ୍ ଖୋଲାଯିବ। ୨୦୨୪ ମସିହା ଜୁଲାଇ ମାସରୁ ଏ ପର୍ଯ୍ୟନ୍ତ ୨୦ ହଜାର ୨୧୭ ଜଣ ରାସନକାର୍ଡଧାରୀ ମୋଟ ୩ ହଜାର ୮୦୫ କୁଇଣ୍ଟାଲ ୧୪ କିଲୋଗ୍ରାମ ଚାଉଳ ଉଠାଇଛନ୍ତି।

Desk

# ବିଧାନସଭା– ରାସନକାର୍ଡ

ରାଜ୍ୟର ୭୫ଟି ରାସନ ଡିଲରଙ୍କ ଲାଇସେନ୍ସ ବାତିଲ ହେବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବିଭାଗୀୟ

ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ବିଧାନସଭାରେ କହିଛନ୍ତି। ଶ୍ରୀ ପାତ୍ର କହିଛନ୍ତି, ରାସନକାର୍ଡ ମାଧ୍ୟମରେ ଖାଉଟି ଇ-ପସ୍ ମେସିନ ସହିତ ମାପ ଓଜନ ଯନ୍ତ୍ର ସଂଯୋଗ କରାଯାଇ ବାୟୋମେଟ୍ରିକ ଅନଲାଇନ୍ ସୁନିଶ୍ଚିତ କରାଯାଇ ବଣ୍ଟନ କରାଯାଉଛି। ଏହା ବ୍ୟତୀତ ଯୋଗାଣ ଅଧିକାରୀମାନେ ନିୟମିତ ପ୍ରତ୍ୟେକ ଖାଉଟି କେନ୍ଦ୍ର ଯାଞ୍ଚ କରୁଛନ୍ତି ଏବଂ ଅଭିଯୋଗ ହସ୍ତଗତ ହେଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

CTC

## ଗାଁ କଲ୍ୟାଣ ସମିତି ବୈଠକ

କଟକ ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଆଜି ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟରେ ପହଁଞ୍ଚାଇବା କ୍ଷେତ୍ରରେ ଆଶାକର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଛନ୍ତି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା, ଟିକାକରଣ, ପୌଷ୍ଟିକ ଆହାର ବୃଦ୍ଧି ଓ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଶାକର୍ମୀଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ। ଗାଁ କଲ୍ୟାଣ ସମିତି ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ସହ ଗର୍ଭବତୀ ମହିଳାମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଡାକ୍ତରଙ୍କ ନିକଟକୁ ନେଇ ରିପୋର୍ଟ ସଂଗ୍ରହ କରିବାକୁ ଜିଲ୍ଲାପାଳ ଆଶାକର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

Rayagada/R

## ଅନାସ୍ଥା ଭୋଟ

ରାୟଗଡ଼ା ପୌରପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଅନାସ୍ଥା ଭୋଟରେ ପରାଜିତ ହୋଇଛନ୍ତି। ଗତ ନଭେମ୍ବର ମାସ ୨୪ ତାରିଖରେ ଅନାସ୍ଥା ପ୍ରସ୍ତାବ ଭୋଟ୍ ଗଣତି ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘୋଷଣା କରାଯାଇନଥିଲା। ଆଜି ଏହାର ଫଳାଫଳ ଘୋଷଣା କରାଯାଇଛି। ଅନାସ୍ଥା ସପକ୍ଷରେ ୧୯ଟି ଭୋଟ୍ ଗ୍ରହଣ କରାଯିବା ସହିତ ବିପକ୍ଷରେ ଦୁଇଟି ଭୋଟ୍ ମିଳିଥିଲା। ଗତ ଅକ୍ଟୋବର ମାସ ୯ ତାରିଖରେ ଅନୁଷ୍ଠିତ ଅନାସ୍ଥା ପ୍ରସ୍ତାବରେ ପୌରପରିଷଦର ୨୪ ଜଣ କାଉନସିଲରଙ୍କ ମଧ୍ୟରୁ ବିଜେଡିର ୨୧ ଜଣ କାଉନସିଲର ଅଂଶଗ୍ରହଣ କରିଥିଲେ। କଂଗ୍ରେସ ଓ ବିଜେପିର ୩ ଜଣ କାଉନସିଲର ଭୋଟଦାନରୁ ବିରତ ରହିଥିଲେ।

BBSR/R

## ଏସ୍.ଆଇ.ଆର୍

ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍ କାର୍ଯ୍ୟକ୍ରମକୁ ସୂଚାରୁରୂପେ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ପ୍ରଶିକ୍ଷଣର ଦ୍ୱିତୀୟ ଦିନରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ ଯୋଗଦେଇ ଏସ୍.ଆଇ.ଆର୍.ର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷଣରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ଜିଲ୍ଲାର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ

ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଡେପୁଟି କଲେକ୍ଟରମାନେ ଯୋଗ ଦେଇଥିଲେ। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳ ପାଇଁ ବି.ଏଲ୍.ଏ. ନିଯୁକ୍ତି, ପ୍ରତ୍ୟେକ ପୁଲିଂ ବୁଥ୍‌ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ ମସିହାର ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀମାନେ ଆଗାମୀ ଏସ୍.ଆଇ.ଆର୍ କାର୍ଯ୍ୟକ୍ରମ ପାଇଁ ପ୍ରାୟୋଗିକ ଓ ପ୍ରଶାସନିକ ଦିଗରେ ପ୍ରସ୍ତୁତ ରହିବାକୁ ଶ୍ରୀ ଗୋପାଳନ ନିର୍ଦ୍ଦେଶ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

Kandhamal

## ମାଓବାଦୀ ଆତ୍ମସମର୍ପଣ

ଫୁଲବାଣୀ ରିଜର୍ଭ ପୁଲିସ ପଡ଼ିଆରେ  ନକ୍ସଲ ବିରୋଧୀ ଅପରେସନ୍ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡାଙ୍କ ଉପସ୍ଥିତିରେ ୧୦ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ମହିଳା ମାଓବାଦୀ ଅଛନ୍ତି। ଦୁର୍ଦ୍ଦାନ୍ତ ମାଓବାଦୀ ସୋନୁ ପୋଟମଙ୍କ ସମେତ ୧୦ ଜଣ ମାଓବାଦୀଙ୍କ ନାମରେ ୧ କୋଟି ୬୫ ଲକ୍ଷ ୭୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ  କେ.କେ.ବି.ଏନ୍. ସଂଗଠନ ପାଇଁ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରେ ଜଣେ ରାଜ୍ୟ କମିଟି ସଦସ୍ୟ, ଜଣେ ଡିଭିଜିନାଲ କମିଟି ସଦସ୍ୟ, ଦୁଇଜଣ ଏରିଆ କମିଟି ପାର୍ଟି ସଦସ୍ୟ, ୬ ଜଣ ପାର୍ଟି ସଦସ୍ୟ ଅଛନ୍ତି।

ମାଓବାଦୀମାନଙ୍କ ଆତ୍ମସମର୍ପଣ ପରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ମାଓ ଅପରେସନ୍ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି...

**- V/O -**

ମାଓ ସଂଗଠନରୁ ମୁଖ୍ୟସ୍ରୋତକୁ ଫେରିବା ପରେ ସୋନୁ ପୋଟାମ ନିଜ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି...

**- V/O -**

CTC

## ଜନଗଣନା

ଆସନ୍ତା ଜନଗଣନାକୁ ସ୍ୱଚ୍ଛତା ଓ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆଜି ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩୩ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟି କରଣ ମାଧ୍ୟମରେ କରାଯାଉଛି । ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଓ ଉପଜିଲ୍ଲାପାଳ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

Deogarh

## ଜିଲ୍ଲା- ଶାସ୍ତ୍ରୀୟ ଦିବସ

ଦେବଗଡ଼ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଲେଜର

ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ଓଡ଼ିଆ ଭାଷାକୁ ସବୁ କ୍ଷେତ୍ରରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ ।

Nabarangpur

## ପ୍ରଶିକ୍ଷଣ କର୍ମଶାଳା

ନବରଙ୍ଗପୁରଠାରେ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ସୂଚନା ଅଧିକାର ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ମତ ରଖିଥିଲେ ।

Nabarangpur

## ସ୍ୱାସ୍ଥ୍ୟସେବା ଶିବିର

ରାଜ୍ୟର ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଉତ୍ତମ ଚିକିତ୍ସା ସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେଉଛି । ଜିଲ୍ଲାର ସମସ୍ତ ୧୦ଟି ବ୍ଲକ ଓ ଦୁଇଟି ପୌରପାଳିକାରେ ମୋଟ ୯୦୯ ଜଣ ରୋଗୀ ଚିକିତ୍ସା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । କଟକ ଏସ୍‌ସିବି ମେଡିକାଲ କଲେଜର ୭ ଜଣ ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଏହି ଶିବିର ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

Ganjam

## ଷ୍ଟାଡିୟମ ସର୍ଭେ

ଗଞ୍ଜାମ ଜିଲ୍ଲାରେ ଛତ୍ରପୁର ଷ୍ଟାଡିୟମକୁ ଜାତୀୟସ୍ତରର ଷ୍ଟାଡିୟମ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କ୍ରୀଡ଼ା ବିଭାଗ ପକ୍ଷରୁ ଆଜି ଦୁଇ ଜଣିଆ ଟିମ୍ ଛତ୍ରପୁର ଯାଇ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯୁବପିଢ଼ିଙ୍କୁ ବିଭିନ୍ନ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ପାଇଁ ଏହି ଷ୍ଟାଡିୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମତପ୍ରକାଶ ପାଇଛି।

Koraput

## ମୁଖ୍ୟମନ୍ତ୍ରୀ ବିବାହ ଯୋଜନା

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ତହସିଲ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ୯ ଜଣଙ୍କ  ବିବାହ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ୫୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ।

BHK

## ଜିଲ୍ଲାସ୍ତରୀୟ ସମ୍ମିଳନୀ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ କୋଠାର ପଞ୍ଚାୟତ ଡିଲୋଠାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ମାନେ ଯୋଗଦେଇ ଶିକ୍ଷକମାନଙ୍କ ଶିକ୍ଷାକ୍ଷେତ୍ରରେ ଅବଦାନ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।